## ସଂକ୍ଷେପରେ

### କୋଭିଡ୍ କଟକଣା ଉଲ୍ଲଂଘନ ନେଇ ଚର୍ଚ୍ଚା

ଖମାର,୨୧।୧(ଡି.ଏନ.ଏ.)- ପଞ୍ଚାୟତ ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ଦାଖଲର ଶେଷଦିନରେ ପାଲଲହଡ଼ା ବ୍ଲକ ଖମାର ପଞ୍ଚାୟତରେ କୋଭିଡ୍ କଟକଣା ଉଲ୍ଲଂଘନ କରାଯାଇଥିବା ଚର୍ଚ୍ଚା ହେଉଛି। ନାମାଙ୍କନପତ୍ର ଦାଖଲ କରିବାକୁ ଯାଇଥିବା ଜଣେ ସରପଞ୍ଚ ପ୍ରାର୍ଥୀ ଶତାଧିକ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯିବା ଅଞ୍ଚଳବାସୀଙ୍କୁ ଚକିତ କରିଦେଇଛି। ପଞ୍ଚାୟତରେ କରୋନା ଟିକା ପ୍ରଦାନ କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ୟପଟେ କଟକଣା ଉଲ୍ଲଂଘନ କରାଯିବା ଅସନ୍ତୋଷର କାରଣ ହୋଇଛି। ତେବେ ପୋଲିସ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ପ୍ରାର୍ଥୀଙ୍କ ସମର୍ଥକମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପାଲଲହଡ଼ା ବିଡିଓ ଦିଲୀପ କୁମାର ବର କହିଛନ୍ତି, ପ୍ରଶାସନ ନିକଟରେ ଏ ନେଇ ଅଭିଯୋଗ ପହଞ୍ଚିନାହିଁ। ଅଭିଯୋଗ ଆସିଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସମସ୍ତ ଜୋନ୍‌ରେ ପ୍ରାର୍ଥୀ ଦେଲା କଂଗ୍ରେସ

ଢେଙ୍କାନାଳ ଅଫିସ, ୨୧।୧-ଢେଙ୍କାନାଳ ଜିଲାର ସମସ୍ତ ୨୭ ଜିଲା ପରିଷଦ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ଦେଇଛି। ଦଳୀୟ ଆଶାୟୀମାନେ ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଓଡ଼ାପଡ଼ା ଜୋନ୍-୧ରୁ ବିପଭିମନୁ ନାୟକ, ଜୋନ୍-୨ରୁ ଶରତ ନନ୍ଦ, ଜୋନ୍-୩ରୁ ସଂଗ୍ରାମ ସାମଲ, କଙ୍କଡ଼ାହାଡ଼ ବ୍ଲକ ଜୋନ୍-୧ରୁ ଉମ୍ବରୁଧର ସାହୁ, ଜୋନ୍-୨ରୁ ଅଞ୍ଜଳି ସିଂ, ଜୋନ୍-୩ର ପୀତାମ୍ବର ବାଲମୁଛ, କାମାକ୍ଷାନଗର ବ୍ଲକ ଜୋନ୍-୧ରୁ କାମିନୀବାଳା ରାଉତ, ଜୋନ୍-୨ରୁ ମୀନକେତନ ନାୟକ, ଜୋନ୍-୩ରୁ ଲିପିକା ନାୟକ, ଗଁଦିଆ ଜୋନ୍-୧ରୁ ଛାୟାକାନ୍ତ ପାଣିଗ୍ରାହୀ, ଜୋନ୍-୨ରୁ ଶୁଭଲକ୍ଷ୍ମୀ ଭୋଇ, ଜୋନ୍-୩ରୁ ରଶ୍ମିତା ନାୟକ, ଜୋନ୍-୪ରୁ ଅଭି ସିନ୍ଧୁ, ଢେଙ୍କାନାଳ ସଦର ବ୍ଲକ ଜୋନ୍-୧ରୁ ମଞ୍ଜୁଲତା ସ୍ୱାଇଁ, ଜୋନ୍-୨ରୁ ବାସନ୍ତୀ ସ୍ୱାଇଁ, ଜୋନ୍-୩ରୁ ଦୁଷ୍ମନ୍ତ କୁମାର ନାୟକ, ଜୋନ୍-୪ରୁ ଜ୍ୟୋସ୍ନାବାଳା ସେନାପତି, ପରଜଙ୍ଗ ବ୍ଲକ ଜୋନ୍-୧ରୁ ଆରତୀ ନାଥ, ଜୋନ୍-୨ରୁ ନରୋତ୍ତମ ସ୍ୱାଇଁ, ଜୋନ୍-୩ରୁ ଲିପ୍ସାମୟୀ ପଣ୍ଡା, ଭୁବନ ବ୍ଲକ ଜୋନ୍-୧ରୁ ସାଇଲିଜା ବାରିକ, ଜୋନ୍-୨ରୁ ନିର୍ମଳ କୁମାର ରାଉତ, ଜୋନ୍-୩ରୁ ସୁମନ୍ତ ଚରଣ ବେହେରା, ହିନ୍ଦୋଳ ବ୍ଲକ ଜୋନ୍-୧ରୁ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ଜୋନ୍-୨ରୁ ରତିକାନ୍ତ ଗଡ଼ନାୟକ, ଜୋନ୍-୩ରୁ ଜଲି ନାୟକ, ଜୋନ୍-୪ରୁ ଚନ୍ଦନ ନାୟକ ନାମାଙ୍କନ ଦାଖଲ କରିଥିବା ମୁଖପାତ୍ର ପ୍ରେମଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

# ଅନୁଗୋଳ ଜିଲାରେ ୭୯୬୦ ପ୍ରାର୍ଥିପତ୍ର

■ଶେଷ ଦିନରେ ୨୬୨୯ ନାମାଙ୍କନ
■ଆଜି ହେବ ଯାଞ୍ଚ, ୨୫ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
■ଘରକୁ ଘର ବୁଲି ଭୋଟ ମାଗିଲେଣି ପ୍ରାର୍ଥୀ

ଅନୁଗୋଳ ଅଫିସ, ୨୧।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ପାଇଁ ଶୁକ୍ରବାର ଥିଲା ଶେଷ ଦିବସ। ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରାର୍ଥିପତ୍ର ଦାଖଲ କାର୍ଯ୍ୟକ୍ରମ ୨୧ ତାରିଖରେ ଶେଷ ହୋଇଛି। ୫ଦିନର ଏହି ଅବଧି ମଧ୍ୟରେ ଜିଲାରେ ମୋଟ୍ ୭୯୬୦ ପ୍ରାର୍ଥିପତ୍ର ଦାଖଲ ହୋଇଛି। ଶନିବାର ଦାଖଲ ହୋଇସାରିଥିବା ପ୍ରାର୍ଥିପତ୍ରଗୁଡ଼ିକର ଯାଞ୍ଚ କାର୍ଯ୍ୟ କରାଯିବ। ଏହାପରେ ୨୫ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ତେବେ ନାମାଙ୍କନପତ୍ର ଦାଖଲର ଶେଷ ଦିବସରେ ଅନୁଗୋଳ ଜିଲାରେ ମୋଟ୍ ୨୬୨୯ ପ୍ରାର୍ଥିପତ୍ର ଦାଖଲ ହୋଇଛି। ସେଥିମଧ୍ୟରୁ ୱାର୍ଡ ସଭ୍ୟ ପାଇଁ ୧୮୨୧ ଜଣ, ସରପଞ୍ଚ ପାଇଁ ୩୭୪ ଜଣ, ସମିତି ସଭ୍ୟ ଲାଗି ୩୭୭ ଓ ଜିଲା ପରିଷଦ ସଦସ୍ୟ ପାଇଁ ୫୭ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜିଲା ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

ଅନୁଗୋଳ ବ୍ଲକରୁ ୱାର୍ଡ ସଭ୍ୟ ପାଇଁ ୨୦୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ସରପଞ୍ଚ ପଦବୀ ଲାଗି ୪୯, ସମିତି ସଭ୍ୟ ପାଇଁ ୪୬ ଓ ଜିଲା ପରିଷଦ ପଦବୀ ପାଇଁ ୧୧ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବଣ୍ଟରପାଳ ବ୍ଲକରୁ ୱାର୍ଡସଭ୍ୟ ପାଇଁ ୩୩୩, ସରପଞ୍ଚ ପାଇଁ ୫୯, ସମିତି ସଭ୍ୟ ପାଇଁ ୭୪, ଜିଲା ପରିଷଦ ପାଇଁ ୮ ଜଣ, ଛେଣ୍ଡିପଦା ବ୍ଲକରୁ ୱାର୍ଡ ସଭ୍ୟ ପାଇଁ ୨୫୪, ସରପଞ୍ଚ ପାଇଁ ୫୭, ସମିତି ସଭ୍ୟ ପାଇଁ ୪୬, ଜିଲା ପରିଷଦ ପାଇଁ ୫ଜଣ, ତାଳଚେର ବ୍ଲକରୁ ୱାର୍ଡ ସଭ୍ୟ ପାଇଁ ୨୦୧, ସରପଞ୍ଚ ପାଇଁ ୩୯, ସମିତି ସଭ୍ୟ ପାଇଁ ୪୪, ଜିଲା ପରିଷଦ ପାଇଁ ୯ଜଣ, କଣିହାଁ ବ୍ଲକରୁ ସମିତି ସଭ୍ୟ ପାଇଁ ୨୧୧, ସରପଞ୍ଚ ପାଇଁ ୫୧, ସମିତି ସଭ୍ୟ ପାଇଁ ୪୫, ଜିଲା ପରିଷଦ ଲାଗି ୪ଜଣ, ଆଠମଲ୍ଲିକ ବ୍ଲକରୁ ୱାର୍ଡ ସଭ୍ୟ ପାଇଁ ୨୧୭, ସରପଞ୍ଚ ପାଇଁ ୩୮, ସମିତି ସଭ୍ୟ ପାଇଁ ୪୦, ଜିଲା ପରିଷଦ ପାଇଁ ୩ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କିଶୋରନଗର ବ୍ଲକରୁ ୱାର୍ଡ ସଭ୍ୟ ପାଇଁ ୧୫୩, ସରପଞ୍ଚ ପାଇଁ ୩୫, ସମିତି ସଭ୍ୟ ପାଇଁ ୨୫, ଜିଲା ପରିଷଦ ଲାଗି ୫, ପାଲଲହଡ଼ା ବ୍ଲକରୁ ୱାର୍ଡ ସଭ୍ୟ ପାଇଁ ୨୫୨, ସରପଞ୍ଚ ପାଇଁ ୪୬, ସମିତି ସଭ୍ୟ ପାଇଁ ୫୭ ଓ ଜିଲା ପରିଷଦ ସଦସ୍ୟ ଲାଗି ୧୨ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଯାଞ୍ଚ ଓ ଚୂଡ଼ାନ୍ତ ତାଲିକା ପ୍ରକାଶକୁ ଅପେକ୍ଷା ନ କରି ପ୍ରାର୍ଥୀମାନେ ଏବେ ଘର ଘର ବୁଲି ଭୋଟ ମାଗିବା ଆରମ୍ଭ କରିଦେଇଛନ୍ତି। ନୂଆ ନୂଆ ପ୍ରତିଶ୍ରୁତି ମାନ ଦେଇ ସେମାନଙ୍କ ମନ କିଣିବାକୁ ଚେଷ୍ଟା କରୁଛନ୍ତି।

**ଅନୁଗୋଳ ଜିଲାରେ ପଡ଼ିଥିବା ମୋଟ୍ ପ୍ରାର୍ଥିପତ୍ର**

| ତାରିଖ | ୱାର୍ଡ ସଭ୍ୟ | ସରପଞ୍ଚ | ସମିତି ସଭ୍ୟ | ଜିଲା ପରିଷଦ |
|---|---|---|---|---|
| ୧୭ | ୪୧୨ | ୯୫ | ୩୮ | - |
| ୧୮ | ୩୯୩ | ୪୬ | ୪୯ | - |
| ୧୯ | ୧୬୮୪ | ୩୫୫ | ୨୦୮ | ୩୮ |
| ୨୦ | ୧୪୬୪ | ୨୫୪ | ୨୪୯ | ୪୬ |
| ୨୧ | ୧୮୨୧ | ୩୭୪ | ୩୭୭ | ୫୭ |
| ମୋଟ | ୫୭୭୪ | ୧୧୨୪ | ୯୨୧ | ୧୪୧ |

# ଗାଁରେ ଜମିଲାଣି ପ୍ରଚାର, ଭୋଜିଭାତ



ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସହ ଜଣେ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ପାଇଁ ଯାଉଛନ୍ତି।

ବଇଣ୍ଡା,୨୧।୧(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହେଉ ହେଉ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ଅଧୀନରେ ଥିବା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ଗାଁରେ ନିର୍ବାଚନୀ ଉଷ୍ମତା ବାରି ହୋଇପଡୁଛି। ଭୋଜିଭାତ ଓ ପ୍ରଚାର ଜମିଛି।

ଆଠମଲ୍ଲିକ ବ୍ଲକରେ ରହିଛି ୨୪ଟି ପଞ୍ଚାୟତ ଓ ୩ଟି ଜିଲା ପରିଷଦ ଜୋନ୍। ସେହିପରି କିଶୋରନଗର ବ୍ଲକରେ ୨୩ ପଞ୍ଚାୟତ ସହ ୩ ଜିଲା ପରିଷଦ ଜୋନ୍ ଥିବାବେଳେ ବହୁ ପ୍ରାର୍ଥୀ ନିର୍ବାଚନ ମୈଦାନକୁ ଓହ୍ଲାଇ ସାରିଛନ୍ତି। ବିଶେଷକରି ସରପଞ୍ଚ ପଦବୀ ପାଇଁ ଅଧିକ ପ୍ରାର୍ଥିପତ୍ର ଦାଖଲ ହୋଇଛି। କିଶୋରନଗର ବ୍ଲକର ୨୩ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୨୦୭ ପ୍ରାର୍ଥିପତ୍ର ଦାଖଲ ହୋଇଛି। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୧୮୪ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। କାଗଜପତ୍ର କାର୍ଯ୍ୟ ଶେଷ କରିବା ପରେ ପ୍ରାର୍ଥୀମାନେ ଗାଁ ବୁଲି ଭୋଟରମାନଙ୍କୁ ନାନା ପ୍ରତିଶ୍ରୁତି ଦେଉଥିବା ଦେଖାଯାଉଛି। କେଉଁ ପଞ୍ଚାୟତର କିପରି ବିକାଶ ହେବ ସେ ନେଇ ନିଜ ଯୋଜନା ବିଷୟରେ ଜଣାଉଛନ୍ତି। ତେବେ ଅବହେଳିତ ଥିବା ଗ୍ରାମଗୁଡିକର ଭୋଟରମାନେ ଏବେ ପୂର୍ବ ପ୍ରତିନିଧିମାନଙ୍କ ଉପରେ ଦୋଷ ଲଦୁଛନ୍ତି। ସେମାନଙ୍କୁ ଗ୍ରାମରେ ପୂରାଇ ଦେଉନାହାନ୍ତି। ତେଣୁ ସେମାନଙ୍କ ସମର୍ଥିତ ପ୍ରାର୍ଥୀମାନେ ଏକ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସେହିପରି ଗାଁମାନଙ୍କରେ ଭୋଜି ଭାତର ଆସର ଜମୁଥିବାବେଳେ କେତେକ ସ୍ଥାନରେ ଚୋରା ମଦ କାରବାର ଜୋର୍ ଧରିବାରେ ଲାଗିଛି। ଏ ନେଇ ଅଭିଯୋଗ ହେଉଥିବାରୁ ଅବକାରୀ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା କହିଛନ୍ତି।

# ଶେଷଦିନରେ ୨,୪୧୧ ପ୍ରାର୍ଥିପତ୍ର

ଢେଙ୍କାନାଳ ଅଫିସ, ୨୧।୧

ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିନରେ ଢେଙ୍କାନାଳ ଜିଲାରେ ମୋଟ ୨,୪୧୧ ନାମାଙ୍କନ ଦାଖଲ ହୋଇଛି। ତନ୍ମଧ୍ୟରେ ୱାର୍ଡମେମ୍ବର ପଦବୀରେ ୧,୫୮୦, ସରପଞ୍ଚ ପଦବୀରେ ୩୯୧, ସମିତିସଭ୍ୟ ପଦବୀରେ ୩୫୮ ଏବଂ ଜିଲା ପରିଷଦ ସଭ୍ୟ ପଦବୀରେ ୮୨ ଆଶାୟୀ ରହିଛନ୍ତି। ସଦର ବ୍ଲକର ୱାର୍ଡମେମ୍ବରରେ ୨୨୭, ସରପଞ୍ଚରେ ୭୧, ସମିତିସଭ୍ୟରେ ୬୬, ଜିଲା ପରିଷଦ ପଦବୀରେ ୧୪ ଜଣ ନାମାଙ୍କନ ଭରିଛନ୍ତି। ଓଡ଼ାପଡ଼ା ବ୍ଲକର ୱାର୍ଡମେମ୍ବରରେ ୧୬୭, ସରପଞ୍ଚରେ ୬୨, ସମିତିସଭ୍ୟରେ ୫୦, ଜିଲା ପରିଷଦରେ ୧୧ ଆଶାୟୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗଁଦିଆ ବ୍ଲକରେ ୱାର୍ଡମେମ୍ବର ଲାଗି ୨୩୭, ସରପଞ୍ଚରେ ୫୯, ସମିତିସଭ୍ୟରେ ୫୩ ଏବଂ ଜିଲା ପରିଷଦ ପଦବୀରେ ୧୧ ଜଣ ସେମାନଙ୍କ ନାମାଙ୍କନ ଭରିଛନ୍ତି। ଅନୁରୂପ ଭାବେ ହିନ୍ଦୋଳ ବ୍ଲକର ୱାର୍ଡମେମ୍ବରରେ ୧୮୫, ସରପଞ୍ଚରେ ୫୨, ସମିତିସଭ୍ୟରେ ୬୨, ଜିଲା ପରିଷଦରେ ୧୫ଜଣ ଆଶାୟୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କାମାକ୍ଷାନଗର ବ୍ଲକର ୱାର୍ଡମେମ୍ବରରେ ୧୫୮, ସରପଞ୍ଚରେ ୩୨, ସମିତିସଭ୍ୟରେ ୩୪ , ଜିଲା ପରିଷଦରେ ୭ଜଣ ଆଶାୟୀ ନାମାଙ୍କନ ଭରିଛନ୍ତି। ଭୁବନ ବ୍ଲକର ୱାର୍ଡମେମ୍ବରରେ ୧୯୪, ସରପଞ୍ଚରେ ୨୭, ସମିତିସଭ୍ୟରେ ୨୧, ଜିଲା ପରିଷଦରେ ୬ଜଣ ଆଶାୟୀ ନାମାଙ୍କନ ଭରିଛନ୍ତି। ପରଜଙ୍ଗ ବ୍ଲକର ୱାର୍ଡମେମ୍ବରରେ ୨୨୯, ସରପଞ୍ଚରେ ୬୦, ସମିତିସଭ୍ୟରେ ୪୨, ଜିଲା ପରିଷଦରେ ୧୩ ଜଣ ଆଶାୟୀ ନାମାଙ୍କନ ଦାଖଲ କରିଛନ୍ତି। ଅନୁରୂପ ଭାବେ କଙ୍କଡ଼ାହାଡ଼ ବ୍ଲକର ୱାର୍ଡମେମ୍ବରରେ ୧୮୩, ସରପଞ୍ଚରେ ୩୮, ସମିତିସଭ୍ୟରେ ୩୦, ଜିଲା ପରିଷଦ ପଦବୀରେ ୫ଜଣ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅସମ୍ଭାଳ ଭିଡ଼, ଅଟକିଲା ଆମ୍ବୁଲାନ୍ସ

■ଉପଜିଲାପାଳଙ୍କ କାର୍ଯ୍ୟାଳୟ ଲୋକାରଣ୍ୟ
■ମାନିଲେନି କଟକଣା, ଜନସାଧାରଣ ହୀନସ୍ତା

ଢେଙ୍କାନାଳ ଅଫିସ, ୨୧।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଶୁକ୍ରବାର ଅନ୍ତିମ ଦିବସରେ ପ୍ରାର୍ଥିପତ୍ର ଦାଖଲ ବେଳେ ଜନସମୁଦ୍ରରେ ପରିଣତ ହୋଇଥିଲା ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର। ଅଫିସ ଭିତରେ ଏବଂ ବାହାରେ ଏକାଠି ହୋଇଥିବା ହଜାର ହଜାର ସଂଖ୍ୟାରେ ରାଜନୈତିକ ଦଳର ସମର୍ଥକଙ୍କ ଭିଡ଼ ପାଇଁ ଆମ୍ବୁଲାନ୍ସ ବି ବାଟ ପାଇ ନ ଥିଲା। ଗହଳି ନିୟନ୍ତ୍ରଣ ଲାଗି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେଭଳି ପ୍ରସ୍ତୁତି କରାଯାଇ ନ ଥିବାରୁ କେହି କଟକଣା ମାନି ନ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ନିୟୋଜିତ ପୋଲିସ କର୍ମଚାରୀ ନୀରବଦ୍ରଷ୍ଟା ପାଲଟିବା



ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ଭିଡ଼।

ପରିସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଥିଲା। ଫଳରେ ରୋଗୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ସମସ୍ତଙ୍କୁ ନାହିଁ ନ ଥିବା ହୀନସ୍ତା ହେବାକୁ ପଡ଼ିଥିଲା।

ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଅପରାହ୍ନ ୩ଟା ସୁଦ୍ଧା ନାମାଙ୍କନ ଦାଖଲ ଲାଗି ସମୟ ସୀମା ନିର୍ଦ୍ଧାରଣ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ବିଜେଡି ପକ୍ଷରୁ ଢେଙ୍କାନାଳ ସଦର, ଗଁଦିଆ ଓ ଓଡ଼ାପଡ଼ା ବ୍ଲକର ୧୧ ଜୋନ୍‌ର ଜିଲା ପରିଷଦ ଆସନ ଲାଗି ଦଳୀୟ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଫଳରେ ବସଷ୍ଟାଣ୍ଡ ଟ୍ରାଫିକ୍ ଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଅସମ୍ଭାଳ ଭିଡ଼ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢ଼େ ୧ଟା ଯାଏ ସୃଷ୍ଟି ହୋଇଥିବା ଟ୍ରାଫିକ୍ ଜାମ୍‌ରେ ସାଧାରଣ ଜନତା ନୟାନ୍ତ ହୋଇଥିଲେ। ଏପରି କି ରାସ୍ତା ନ ପାଇ ଦୁଇଟି ଆମ୍ବୁଲାନ୍ସ ଦୀର୍ଘ ସମୟ ଅଟକି ରହିଥିଲା। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭିଡ଼ ଏଡ଼ାଇବା ଏବଂ କରୋନା ଗାଇଡ୍‌ଲାଇନ୍ ଅନୁପାଳନ ଲାଗି ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ପରିସ୍ଥିତି ଅଣାୟତ୍ତ ହେଉଥିବାରୁ ବିଜେଡି କର୍ମୀମାନେ ସମର୍ଥକଙ୍କୁ କାର୍ଯ୍ୟାଳୟ ବାହାରକୁ ଯିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା।

# ବିଜେଡିରେ ଯୋଗଦେଲେ କଂଗ୍ରେସ, ଭାଜପା କର୍ମୀ

ଅନୁଗୋଳ ଅଫିସ, ୨୧।୧

ଅନୁଗୋଳ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ନିର୍ବାଚନମଣ୍ଡଳୀ ଅଧୀନ ଅଙ୍ଗାରବନ୍ଧ ପଞ୍ଚାୟତ ବାରସିଂହା ଗ୍ରାମର ବହୁ ଭାଜପା ଓ କଂଗ୍ରେସ କର୍ମୀ ଏହି ମିଶ୍ରଣପର୍ବ ମଧ୍ୟମରେ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛତା ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେମାନେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଥିବା ସୂଚନା ମିଳିଛି। ଏହି



ବିଜେଡି କର୍ମକର୍ତ୍ତାଙ୍କ ସହ ଯୋଗଦେଇଥିବା ନୂଆ କର୍ମୀମାନେ।

ମିଶ୍ରଣ ପର୍ବରେ ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୋଳ ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ଯୁବନେତା ଅରୁଣାଭ ସିଂହ, କୃଷ୍ଣଚନ୍ଦ୍ର ପ୍ରଧାନ, ଦିବ୍ୟ ନାୟକ, ଦୀପକ ପ୍ରଧାନ, ବସନ୍ତ ମହାଳିକ, ବିଶ୍ୱଜିତ ଦାସ, ଅନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩୫ ପଞ୍ଚାୟତ ପାଇଁ ୧୭୨ ସରପଞ୍ଚ ଆଶାୟୀ

ହିନ୍ଦୋଳ, ୨୧।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ନିର୍ବାଚନ ପାଇଁ ହିନ୍ଦୋଳ ବ୍ଲକର ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ୩୫ ପଞ୍ଚାୟତରେ ୧୭୨ ସରପଞ୍ଚ ଆଶାୟୀ ନାମାଙ୍କନ ଦାଖଲ କରିବା ପରେ ଏହି ପଦବୀରେ ତୁମୁଳ ପ୍ରତିଦ୍ୱନ୍ଦ୍ୱିତା ହେବାର ଆଭାସ ମିଳିଛି। ଉପଖଣ୍ଡ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକର ୪ ଜିଲା ପରିଷଦ ଜୋନ୍, ୩୫ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ୪୪୬ ୱାର୍ଡ ଲାଗି ମୋଟ୍ ୧୨୦୧ ନାମାଙ୍କନ ଦାଖଲ ହୋଇଛି। ଜିଲା ପରିଷଦ ପଦବୀ ଲାଗି ମୋଟ ୨୦ଜଣ ଆଶାୟୀ (ବିଜେଡି-୪, ଭାଜପା-୪, କଂଗ୍ରେସ-୪, ସ୍ୱାଧୀନ-୮) ରହିଛନ୍ତି। ସେହିପରି ୩୫ ପଞ୍ଚାୟତ ପାଇଁ ୧୭୨ ସରପଞ୍ଚ ଆଶାୟୀ, ୧୯୬ ଜଣ ସମିତିସଭ୍ୟ ଆଶାୟୀ ରହିଛନ୍ତି। ୪୪୬ ୱାର୍ଡ ପାଇଁ ୮୧୩ ନାମାଙ୍କନ ପଡ଼ିଛି। ଶନିବାର ନାମାଙ୍କନ ପତ୍ର ଯାଞ୍ଚ ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି।

**କାମାକ୍ଷାନଗର, ହିନ୍ଦୋଳ ଉପଖଣ୍ଡ**

# ଜିଲା ପରିଷଦରେ ୩୦ ନାମାଙ୍କନ

କାମାକ୍ଷାନଗର/ହିନ୍ଦୋଳ, ୨୧।୧(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ନାମାଙ୍କନ ଦାଖଲର ଅନ୍ତିମ ଦିନରେ ଶୁକ୍ରବାର କାମାକ୍ଷାନଗର ଏବଂ ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ପଦବୀ ଲାଗି ୩୦ ପ୍ରାର୍ଥିପତ୍ର ଦାଖଲ ହୋଇଛି। କାମାକ୍ଷାନଗର ବ୍ଲକ ୧ନଂ. ଜୋନ୍ ପାଇଁ କଂଗ୍ରେସର କାମିନୀବାଳା ରାଉତ, ୨ନଂ. ଜୋନ୍ ପାଇଁ ବିଜେଡିର ଅଶୋକ କୁମାର ବେହେରା, କଂଗ୍ରେସର ମୀନକେତନ ନାୟକ, ଆମ୍ ଆଦ୍‌ମୀ ପାର୍ଟିରୁ ପର୍ଶୁରାମ ମହାଳିକ, ୩ନଂ. ଜୋନ୍‌ରୁ କଂଗ୍ରେସର ଲିପିକା ନାୟକ ଏବଂ ସ୍ୱାଧୀନ ଭାବେ ସନ୍ଧ୍ୟାରାଣୀ ସେଠୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପରଜଙ୍ଗ ବ୍ଲକ ୧ନଂ. ଜୋନ୍‌ରୁ ବିଜେଡିର ରୁନୁବାଳା ବର୍ମା, ଭାଜପାର ଏଲିନା ଭୂତିଆ, ଆମ୍ ଆଦ୍‌ମୀ ପାର୍ଟିର ମମତା ବାରିକ, ୨ନଂ. ଜୋନ୍‌ରୁ ବିଜେଡିର ନିରାକାର ପ୍ରଧାନ, ୩ନଂ. ଜୋନ୍‌ରୁ ଭାଜପାର ସ୍ୱାଧୀନ ପାଣି, କଂଗ୍ରେସର ଲିପ୍ସାମୟୀ ପଣ୍ଡା, ଭାଜପାର ବିଳାସିନୀ ସେଠୀ, ଆମ୍ ଆଦ୍‌ମୀ ପାର୍ଟିର ତପସ୍ୱିନୀ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନୁରୂପ ଭାବେ କଙ୍କଡ଼ାହାଡ଼ ଜୋନ୍-୧ରୁ ବିଜେଡିର ନବକିଶୋର ସାହୁ, ଜୋନ-୨ରୁ ବିଜେଡିର ରୀନା ହେସା, ଜୋନ-୩ରୁ ବିଜେଡିର ରବିନାରାୟଣ ପ୍ରଧାନ, ଜେଏମ୍ଏମ୍‌ରୁ ମାଧବାନନ୍ଦ ମାରାଣ୍ଡି ପ୍ରାର୍ଥିପତ୍ର ଭରିଛନ୍ତି। ସେହିପରି ଭୁବନ ବ୍ଲକ ୧ନଂ. ଜୋନ୍‌ରୁ କଂଗ୍ରେସର ସାଇଲିଜା ବାରିକ, ବିଜେଡିର ଶୈଳରାଣୀ ସାହୁ, ୨ନଂ. ଜୋନ୍‌ରୁ କଂଗ୍ରେସର ନିର୍ମଳ କୁମାର ରାଉତ, ୩ନଂ. ଜୋନ୍‌ରୁ କଂଗ୍ରେସର ସୁମନ୍ତ ବରୁଣ ବେହେରା, ଆମ୍ ଆଦ୍‌ମୀ ପାର୍ଟିରୁ ମଧୁ ମହାଳିକ ନାମାଙ୍କନ ଦାଖଲ କରିଛନ୍ତି।



ଭାଜପା ପକ୍ଷରୁ ନାମାଙ୍କନ ଦାଖଲ ପାଇଁ ଆସିଥିବା ପ୍ରାର୍ଥୀ।

ସେହିପରି ହିନ୍ଦୋଳ ବ୍ଲକର ୪ ଜିଲା ପରିଷଦ ଜୋନ୍ ଲାଗି ଶେଷ ଦିନରେ ବିଜେଡିର ୪ ଏବଂ ଭାଜପାର ୩ଜଣ ଆଶାୟୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଜୋନ୍-୧ରୁ ବିଜେଡିର ମାମାଲି ଦାସ, ଭାଜପାର ସୁନିତା ନାଥ, ୨ନଂ. ଜୋନରୁ ବିଜେଡିର ସୁମନ୍ତ ଦେହୁରୀ, ଭାଜପାର ନରେନ୍ଦ୍ର ଗଡ଼ନାୟକ, ୩ନଂ. ଜୋନ୍‌ରୁ ବିଜେଡିର ମମତାଞ୍ଜଳି ବେହେରା, ୪ନଂ. ଜୋନ୍‌ରୁ ବିଜେଡିର ଉର୍ମିଳା ବେହେରା ଏବଂ ଭାଜପାର ପ୍ରଦ୍ୟୁତ୍ କୁମାର ବେହେରା ନାମାଙ୍କନ ପତ୍ର ଦାଖଲ କରିଥିବା ଉପଜିଲାପାଳ ଉଦୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ନାମାଙ୍କନ ଭରିଲେ ୬ ଜିଲା ପରିଷଦ ପ୍ରାର୍ଥୀ

ଅନୁଗୋଳ ଅଫିସ, ୨୧।୧

ପ୍ରାର୍ଥିପତ୍ର ଦାଖଲର ଶେଷଦିନରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୫ଟି ଜିଲା ପରିଷଦ ଜୋନ ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ଅନୁଗୋଳର ଗୋଟିଏ ଜୋନ୍‌ର ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦଳୀୟ କର୍ମକର୍ତ୍ତାମାନଙ୍କ ସହ ଶୋଭାଯାତ୍ରାରେ ଆସି ୧ନଂ. ଜୋନ୍‌ରୁ କାଜଲ ପଟ୍ଟନାୟକ, ୨ନଂ. ଜୋନ୍‌ରୁ ରେବତୀ ନାଏକ, ୩ନଂ. ଜୋନ୍‌ରୁ ପ୍ରିୟଦର୍ଶୀ ପଟ୍ଟନାୟକ, ୪ନଂ. ଜୋନ୍‌ରୁ ଧ୍ରୁବ ଚରଣ ଦେହୁରୀ, ୨୭ନଂ. ଜୋନ୍‌ରୁ ଗୋପାଳ ଚନ୍ଦ୍ର ନାଏକ ଓ ୨୮ନଂ. ଜୋନ୍‌ରୁ ମୀରା ଗଡ଼ନାଏକ ନିଜ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।



ବିଜେଡି କର୍ମକର୍ତ୍ତାମାନଙ୍କ ଗହଣରେ ଜିଲା ପରିଷଦ ପ୍ରାର୍ଥୀମାନେ।

# ଜିଲା ପରିଷଦରେ ଭଲ ପ୍ରଦର୍ଶନ ଦୃଢ଼ୋକ୍ତି

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ବିଜେଡି ପକ୍ଷରୁ ଜିଲାର ସମସ୍ତ ୨୭ ଜିଲା ପରିଷଦ ଆସନରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଦଳୀୟ ପ୍ରାର୍ଥୀ। ଶୁକ୍ରବାର ନାମାଙ୍କନ ଦାଖଲର ଅନ୍ତିମ ଦିନରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସଦର ବ୍ଲକର ୪ ଜୋନ୍, ଗଁଦିଆ ବ୍ଲକର ୪ ଜୋନ୍ ଏବଂ ଓଡ଼ାପଡ଼ା ବ୍ଲକର ୩ ଜୋନ୍‌ର ଦଳୀୟ ଆଶାୟୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବିଧାୟକ ସୁଧୀର କୁମାର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ରାଜ୍ୟ ସମ୍ପାଦକ ହର୍ଷବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିଲେ। ଜିଲାର ସମସ୍ତ ଜିଲା ପରିଷଦ ଆସନରେ ବିଜେଡି ପ୍ରାର୍ଥୀ ଭଲ ପ୍ରଦର୍ଶନ କରିବେ ବୋଲି ବିଧାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଓଡ଼ାପଡ଼ା ବ୍ଲକ ଜୋନ୍-୧ରେ ପ୍ରତିମା



ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଧାୟକ ସୁଧୀର କୁମାର ସାମଲ, ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କ ଉପସ୍ଥିତିରେ ଦଳୀୟ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରୁଛନ୍ତି।

ନାୟକ, ଜୋନ୍-୨ରେ ବାଳକୃଷ୍ଣ ସାହୁ, ଜୋନ୍-୩ରେ ରାଜକିଶୋର ରାଉତ, ହିନ୍ଦୋଳ ବ୍ଲକ ଜୋନ୍-୧ରେ ମାମାଲି ଦାସ, ଜୋନ୍-୨ରେ ସୁମନ୍ତ ଦେହୁରୀ, ଜୋନ୍-୩ରେ ମମତାଞ୍ଜଳି ବେହେରା, ଜୋନ୍-୪ରେ ଉର୍ମିଳା ବେହେରା, ଢେଙ୍କାନାଳ ସଦର ଜୋନ୍-୧ରେ ପୂର୍ଣ୍ଣିମା ଦେହୁରୀ, ଜୋନ୍-୨ରେ ଝରସ୍ମିତା ଦେହୁରୀ, ଜୋନ୍-୩ ଅଶୋକ କୁମାର ପରିଡ଼ା, ଜୋନ୍-୪ ଦୀପ୍ତିମୟୀ ଲେଙ୍କା, ଗଁଦିଆ ଜୋନ୍-୧ରେ ବିଶ୍ୱନାଥ ଚିନ୍ନାରା, ଜୋନ୍-୨ରେ ମମତା ମଞ୍ଜରୀ ବେହେରା, ଜୋନ୍-୩ରେ ଅର୍ଚ୍ଚନା

**୨୭ ଆସନରେ ନାମାଙ୍କନ ଦାଖଲ କଲେ ବିଜେଡି ପ୍ରାର୍ଥୀ**

ପୁହାଣ, ଜୋନ୍-୪ରେ ବିଭୂତି ଭୋଇ, ପରଜଙ୍ଗ ବ୍ଲକ ଜୋନ୍-୧ରେ ରୁନୁ ବର୍ମା, ଜୋନ୍-୨ରେ ନିରାକାର ପ୍ରଧାନ, ଜୋନ୍-୩ରେ ବିଳାସିନୀ ସେଠୀ, କଙ୍କଡ଼ାହାଡ଼ ବ୍ଲକ ଜୋନ-୧ରେ ନବକିଶୋର ସାହୁ, ଜୋନ୍-୨ରେ ରୀନା ହେସା, ଜୋନ୍-୩ରେ ରବିନାରାୟଣ ପ୍ରଧାନ, କାମାକ୍ଷାନଗର ବ୍ଲକ ଜୋନ୍-୧ରେ ଦୀପ୍ତିମୟୀ ବିଶ୍ୱାଳ, ଜୋନ୍-୨ରେ ଅଶୋକ ବେହେରା, ଜୋନ୍-୩ରେ ଅବନ୍ତୀ ସେଠୀ, ଭୁବନ ବ୍ଲକ ଜୋନ୍-୧ରେ ସୁଭଦ୍ରା ପାତ୍ର, ଜୋନ୍-୨ ରମେଶ ଚନ୍ଦ୍ର ସାହୁ, ଜୋନ୍-୩ ସୁବାସ ଚନ୍ଦ୍ର ମାଝି ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଜିଲା ପର୍ଯ୍ୟବେକ୍ଷକ ସୂଚନା ଦେଇଛନ୍ତି।

## ଯାଞ୍ଚ, ଜରିମାନା ଆଦାୟ

ବଉଣ୍ଡା,(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ଲୁହାମୁଣ୍ଡା ନିକଟରେ ଶୁକ୍ରବାର ହଣ୍ଡପା ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡିଗୁଡିକୁ ଅଟକାଇ ହେଲମେଟ, ଗାଡି କାଗଜପତ୍ର, ଲାଇସେନ୍ସ, ସିଟ୍ ବେଲ୍ଟ ଆଦି ଯାଞ୍ଚ କରାଯାଇ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ମାସ୍କ ଯାଞ୍ଚ କରାଯାଇ ୧୬ଶହ ଟଙ୍କା ଆଦାୟ କରାଯାଇଛି। ଏଏସ୍ଆଇ ସୁନାକର ସ୍ୱାଇଁଙ୍କ ସହ ପୋଲିସ ଟିମ୍ ଯାଞ୍ଚ କରିଥିଲେ।

## ସଂକ୍ଷେପରେ

### ୯୫ ସଂକ୍ରମିତ ଚିହ୍ନଟ, ଜଣେ ମୃତ

ଢେଙ୍କାନାଳ ଅଫିସ, ୨୧ା୧-ଢେଙ୍କାନାଳ ଜିଲାରୁ ଶୁକ୍ରବାର ୯୫ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୫ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୨୯, ଭୁବନ ବ୍ଲକରୁ ୩, ସଦର ବ୍ଲକରୁ ୧୦, ଗଁଦିଆ ବ୍ଲକରୁ ୩, ହିନ୍ଦୋଳ ବ୍ଲକରୁ ୪ ଓ ଏନ୍ଏସିରୁ ୧, କାମାକ୍ଷାନଗର ବ୍ଲକରୁ ୧୧ ଓ ଏନ୍ଏସିରୁ ୬, କଙ୍କଡ଼ାହାଡ଼ ବ୍ଲକରୁ ୨, ଓଡ଼ାପଡ଼ା ବ୍ଲକରୁ ୧୧, ପରଜଙ୍ଗ ବ୍ଲକରୁ ୭ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୮ଜଣ ଅଛନ୍ତି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୨୦ ହଜାର ୯୬୩ରେ ପହଞ୍ଚିଛି। ଏଥିସହ ଦୀର୍ଘଦିନ ପରେ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏହାପରେ କୋଭିଡ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୪୭ ହୋଇଛି। ଜିଲାରେ ଏବେ ୬୯୪ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ହାଇୱା ଧକ୍କାରେ ବ୍ୟବସାୟୀ ମୃତ

କାମାକ୍ଷାନଗର, ୨୧ା୧(ଡି.ଏନ୍.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସି ଅଧୀନ ରାମମନ୍ଦିର ନିକଟରେ ରହୁଥିବା ବାସନ ବ୍ୟବସାୟୀ ଉଦୟନାଥ ନାୟକ (୭୫)ଙ୍କଶୁକ୍ରବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବ୍ୟବସାୟ ସାରି ମୋପେଡ୍ (ନଂ. ଓଡ଼ି ୦୬ ବି ୮୮୯୨)ରେ ଘରକୁ ଫେରୁଥିବାବେଳେ ରାମିଆଳ ନଦୀ ନିକଟରେ ଏକ ହାଇୱା ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡର ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଚଢ଼ାଉ, ମୂଲ୍ୟବାନ୍ କାଠ ଜବତ

ଛେଣ୍ଡିପଦା,୨୧ା୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନ ବିଭାଗ ପକ୍ଷରୁ ବାଗଡିଆ ଓ ପୁରୁଣାଗଡ ଜଙ୍ଗଲ ମୌଜାରେ ଶୁକ୍ରବାର ଅପରାହ୍ନରେ ଚଢ଼ାଉ କରାଯାଇ ବହୁ ପରିମାଣର ଶାଗୁଆନ,ଶାଳ ପଟା ସହ ଚଉକାଠ ଜବତ କରାଯାଇଛି। ବାଗଡିଆ ଗ୍ରାମ ଓ ପୁରୁଣାଗଡ ଜଙ୍ଗଲ ମୌଜାରେ ଚୋରା କାଠ ପଟା ଗଚ୍ଛିତ ଥିବା ଛେଣ୍ଡିପଦା ରେଞ୍ଜର ପ୍ରତାପ ଚନ୍ଦ୍ର ରାଉଳ ଖବର ପାଇଥିଲେ। ପରେ ବନ କର୍ମଚାରୀଙ୍କ ସହ ମିଳିତ ଭାବେ ଉକ୍ତ ସ୍ଥାନ ଗୁଡିକରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବାଗଡିଆରେ ଥିବା ଏକ ପରିତ୍ୟକ୍ତ ଘରୁ ଓ ପୁରୁଣାଗଡ ଜଙ୍ଗଲ ମୌଜାରେ ଥିବା ଧାନ ଖଳାରୁ ବହୁ ପରିମାଣର ଶାଳ ଓ ଶାଗୁଆନ ପଟା ସହ ଚଉକାଠ ଜବତ କରାଯାଇଥିଲା। ବନ ବିଭାଗ ଜବତ କାଠକୁ ଛେଣ୍ଡିପଦା ରେଞ୍ଜ କାର୍ଯ୍ୟାଳୟକୁ ନେଇ ଆସିଥିଲା। ଚଢ଼ାଉରେ ଛେଣ୍ଡିପଦା ବନପାଳ ମହେଶ୍ୱର ପ୍ରଧାନ ଓ ପଦ୍ମଚରଣ ସାହୁ ଏବଂ କର୍ମଚାରୀମାନେ ସାମିଲ ଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ
### ହତ୍ୟା ଅଭିଯୋଗ

ସାତମାଇଲ, ୨୧ା୧(ଡି.ଏନ୍.ଏ.)- ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ଫାଣ୍ଡି ଅଧୀନ ଗୁଣ୍ଡେଇ ଗ୍ରାମର ସନ୍ତୋଷିନୀ ଦେହୁରୀ (୨୨)ଙ୍କ ଝୁଲନ୍ତା ମୃତଦେହ ଗତ ଗୁରୁବାର ଅପରାହ୍ନରେ ବନ୍ଦ କୋଠରିରୁ ମିଳିଛି। ତେବେ ମହିଳାଙ୍କ ପରିବାର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୬/୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି। ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।
ଡୁମୁସିଙ୍ଗା ଥାନା ଅନ୍ତର୍ଗତ ଶ୍ରୀମୂଳା ଗ୍ରାମର ବସନ୍ତ ବେହେରାଙ୍କ ଝିଅ ସନ୍ତୋଷିନୀ ମୋଟଙ୍ଗା ଥାନା ଅନ୍ତର୍ଗତ ଗୁଣ୍ଡେଇ ଗ୍ରାମର ଅନିଲ ଦେହୁରୀଙ୍କୁ ୨୦୧୯ ଜୁନ୍‌ରେ ବିବାହ କରିଥିଲେ। ତାଙ୍କର ୩ ମାସର ଏକ କନ୍ୟାସନ୍ତାନ ଅଛି। ଅପରାହ୍ନରେ ଘରେ କେହି ନ ଥିବାବେଳେ ସନ୍ତୋଷିନୀ ଭିତରପଟୁ କବାଟ ବନ୍ଦ କରି ଲୁଗାରେ ଝୁଲି ପଡ଼ିଥିଲେ। କବାଟ ଭାଙ୍ଗି ଘରୁ ତାଙ୍କୁ ଉଦ୍ଧାର କରି ଶାଶୁଘର ଲୋକେ ହିନ୍ଦୋଳ ରୋଡ୍ ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସନ୍ତୋଷିନୀଙ୍କ ଘର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ନ୍ୟାୟ ପାଇଁ ଥାନାରେ ଏତଲା ଦେଇଛନ୍ତି।

# ଗଡ଼ିଲା କୋଭିଡ୍ ଟିକା ଏକ୍ସପ୍ରେସ୍


ଟିକା ଏକ୍ସପ୍ରେସ୍‌କୁ ଜିଲାପାଳ ସବୁଜ ପତାକା ଦେଖାଉଛନ୍ତି।

ଅନୁଗୋଳ ଅଫିସ,୨୧ା୧

ଅନୁଗୋଳ ଜିଲାରେ କୋଭିଡ୍ ଟିକାକରଣକୁ ଶତ ପ୍ରତିଶତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଜିଲା କାର୍ଯ୍ୟାଳୟ ପରିସରରୁ ଟିକା ଏକ୍ସପ୍ରେସ୍‌ର ଶୁଭାରମ୍ଭ କରାଯାଇଛି। ଜିଲାରେ ବୁଲି ବୁଲି ସଚେତନ ସହ ଟିକାକରଣରୁ ବଞ୍ଚିତ ଲୋକଙ୍କୁ ଟିକା ଦେବାକୁ ୧୨ଟି ଏକ୍ସପ୍ରେସ୍ ଗଡ଼ିବା ଆରମ୍ଭ କରିଛି। ଏହି ସୁସଜ୍ଜିତ ଭ୍ୟାନ୍‌ଗୁଡ଼ିକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିସହ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିୟୋଜିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଭ୍ୟାନ୍ ଗାଁକୁ ଗାଁ ବୁଲି ଡାକବାଜି ଯନ୍ତ୍ର ଯୋଗେ ଟିକା ନେଇ ନ ଥିବା ଲୋକମାନଙ୍କୁ ଟିକା ନେବାକୁ ପ୍ରବର୍ତ୍ତାଇବ। ଏହି ଭ୍ୟାନରେ ଜଣେ ଟିକା ଦେବା କର୍ମଚାରୀ, ଜଣେ ଏଏନ୍ଏମ୍ ଓ ଆଧାରକାର୍ଡ ସହ ଡାଟା ଏଣ୍ଟ୍ରି ଭେରିଫିକେଶନ୍ ଲାଗି କର୍ମଚାରୀ ନିୟୋଜିତ ରହିବେ। ଏହି ଭ୍ୟାନ୍ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ବୁଷ୍ଟର ଡୋଜ୍ ପ୍ରଦାନ କରିବ। ବାହାରିଥିବା ୧୨ଟି ଭ୍ୟାନ୍ ମଧ୍ୟରୁ ପାଲଲହଡା ପାଇଁ ୩ଟି, ଅନୁଗୋଳ ପାଇଁ ୩ଟି, ବଅଁରପାଳ ପାଇଁ ୨ଟି, ଛେଣ୍ଡିପଦା ପାଇଁ ୨ଟି, ଆଠମଲ୍ଲିକ ଓ କଣିହାଁ ପାଇଁ ଗୋଟିଏ ଲେଖାଏ ରହିଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, କେୟାର ଇଣ୍ଡିଆର ପ୍ରତିନିଧି ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୧୧୪ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୨୧ା୧– ଅନୁଗୋଳ ଜିଲାରୁ ଶୁକ୍ରବାର ୧୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୫ ହଜାର ୯୬୮ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକ ଅଞ୍ଚଳରୁ ୨୨ଜଣ, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୬, ତାଳଚେର ବ୍ଲକ ଅଞ୍ଚଳରୁ ୧୪, ଅନୁଗୋଳ ପୌରାଞ୍ଚଳରୁ ୧୧, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୦, କଣିହାଁ ବ୍ଲକ ଅଞ୍ଚଳରୁ ୯, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୯, କିଶୋରନଗର ବ୍ଲକ ଅଞ୍ଚଳରୁ ୭, ପାଲଲହଡା ବ୍ଲକ ଅଞ୍ଚଳରୁ ୭, ତାଳଚେର ପୌରାଞ୍ଚଳରୁ ୫ ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୪ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୧୦୭ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୦୧ ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବା ବେଳେ ୧୫ ଲକ୍ଷ ୬୬ ହଜାର୨୫୪ଜଣଙ୍କୁ ଟିକା ଦିଆସରିଛି।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି


ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ବଉଣ୍ଡା,୨୧ା୧(ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଶୁକ୍ରବାର ଏକ ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକରେ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଠମଲ୍ଲିକ ଥାନା ଆଇଆଇସି ନିରୋଦ କୁମାର ଦାସ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିଜୟ କୁମାର ସାହୁ, ଅଗ୍ନିଶମ ବିଭାଗ ଅଧିକାରୀ ତପନ କୁମାର ସାମଲ, ଜିତେନ୍ଦ୍ର କୁମାର ମୁଖୀ, ସବଜେଲ୍‌ର ପବିତ୍ର କୁମାର ସାହୁ, ଜଗମୋହନ ପଣ୍ଡା, ଆଭାସ କୁମାର କ୍ଷେତି, ଦୁର୍ଗାପ୍ରସାଦ ପଟ୍ଟନାୟକ, ବିନୟ କୁମାର ପଟ୍ଟନାୟକ, ଆସିଷ୍ଟାଣ୍ଟ କଲେକ୍ଟର କୁଳମଣି ଦଳେଇ, ନଗେନ ରାଉତଙ୍କ ସମେତ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। କୋଭିଡ୍ ନିୟମ ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପରେଡ୍‌ରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ ନାହିଁ। କେବଳ ଅତିଥି ଓ ପୋଲିସ କର୍ମଚାରୀଙ୍କୁ ନେଇ କାର୍ଯ୍ୟକ୍ରମ ପାଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ୧୦ ହଜାର ହେକ୍ଟରରେ ହେବ ବନୀକରଣ

## ଉତ୍ତରାଞ୍ଚଳ ଡିଭିଜନରେ ସବୁଜିମା ଫେରାଇ ଆଣିବାକୁ ପ୍ରୟାସ

ଭୁବନେଶ୍ୱର,୨୧ା୧(ବ୍ୟୁରୋ)

ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନର ଜଙ୍ଗଲ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକଦା ଘଞ୍ଚ ଅରଣ୍ୟରେ ଭରପୂର ଥିବା ଏହି ଡିଭିଜନର ଅନେକ ସ୍ଥାନରେ ବନସମ୍ପଦ ଉଜୁଡ଼ି ଗଲାଣି। ଏହାର ଭରଣା କରିବା ଜରୁରୀ ହୋଇପଡ଼ିଛି। ଏଥିଲାଗି କାମ୍ପା ମାଧ୍ୟମରେ ୧୦ ହଜାର ହେକ୍ଟର ଜମିରେ ବନୀକରଣ କରାଯିବ। ଜଙ୍ଗଲ, ରାଜସ୍ୱ ବିଭାଗ ଏବଂ ଓର୍‌ସାକ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ। ଏଥିଲାଗି ପତିତ ଜମି ଚିହ୍ନଟ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ବୋର୍ଡ ଅଫ୍ ରେଭିନ୍ୟୁର ସଚିବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରେ ପତିତ ଜମି ଚିହ୍ନଟ କରି ଜଙ୍ଗଲ କ୍ଷୟ ଭରଣା କରିବାକୁ ଆସନ୍ତା ୧ବର୍ଷ ମଧ୍ୟରେ ୧ ଲକ୍ଷ ହେକ୍ଟର ପତିତ ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ କରିବା ଲାଗି ଯୋଜନା କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟର ବାସହୀନଙ୍କୁ ଚିହ୍ନଟ କରି ବାସଯୋଗ୍ୟ ଜମି ଯୋଗାଇଦେବା ଲାଗି ସେ ଗୁରୁତ୍ୱାରୋପ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ମାର୍ଚ୍ଚ ୩୧ ମଧ୍ୟରେ ପଟ୍ଟା ପ୍ରଦାନ କରାଯିବ। ଅତିରିକ୍ତ ଜିଲାପାଳମାନେ ସମ୍ପୃକ୍ତ ଜିଲାର ରାଜସ୍ୱ ଅଧିକାରୀ ଏବଂ ଶିକ୍ଷା ଅଧିକାରୀମାନଙ୍କ ସହ ସମନ୍ୱୟ ବୈଠକ କରି ମାର୍ଚ୍ଚ ୫ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜମିପଟ୍ଟା ହସ୍ତାନ୍ତର କରିବେ। ଓର୍‌ସାକ ସହାୟତାରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଲଘୁ ଖଣିଜ ଉତ୍ସ ଚିହ୍ନଟ କରିବା, ଉତ୍ତରାଞ୍ଚଳ ଡିଭିଜନ ଅନ୍ତର୍ଗତ ଜିଲାର ସମସ୍ତେ ବେ-ବନ୍ଦୋବସ୍ତ ମାମଲାର ଫଇସଲା ଫେବୃୟାରୀ ୨୮ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଦେବଗଡ଼, ସୋନପୁର ଏବଂ ସୁନ୍ଦରଗଡ଼ ଜିଲାରେ ହାଇଟେକ୍ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଲୋଚନାରେ ଆଇଜିଆର, ଭୂ ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥା ନିର୍ଦ୍ଦେଶକ, ଏନ୍ଆଇସି, ଓରସାକର ବରିଷ୍ଠ ଅଧିକାରୀ ପ୍ରମୁଖ ଭାଗନେଇଥିଲେ।


ଶୁକ୍ରବାର ସକାଳେ ଅନୁଗୋଳ ସହରରେ ଘନ କୁହୁଡ଼ିର ଆସ୍ତରଣ। (ଫଟୋ- ବୁଲୁ)

## ବିଭିନ୍ନ ପ୍ରକଳ୍ପର ତଦାରଖ କଲେ ଜିଲାପାଳ

**ଅନୁଗୋଳ ଅଫିସ, ୨୧ା୧:** ଅନୁଗୋଳ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁଧ୍ୟାନ କରିଛନ୍ତି। କରୋନା ପାଇଁ ଧିମେଇଥିବା ଉନ୍ନୟନ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଲ୍ଟି ସ୍ପେଶାଲିଷ୍ଟ ଢାଞ୍ଚାରେ ଚାଲିଥିବା କାର୍ଯ୍ୟର ଜିଲାପାଳ ତଦାରଖ କରିଥିଲେ। ଏଥିସହ ମେଡିକାଲ ପରିସରରେ ଥିବା ଜବରଦଖଲ ସ୍ଥାନ ତୁରନ୍ତ ଖାଲି କରିବାକୁ କହିଥିଲେ। ଏଥିସହ ଅନୁଗୋଳ ସହରରେ ପିପିପି ମୋଡରେ ୨୦୧୫ରୁ ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେହିପରି ପୌରପାଳିକା ପକ୍ଷରୁ ନିର୍ମାଣ ହେବାକୁ ଥିବା ସ୍ମାର୍ଟ ପାର୍କ ଜାଗା ଦେଖିଥିଲେ। ହୁଲୁରିସିଂହାର ନିର୍ମାଣ ଚାଲିଥିବା ବ୍ଲାକ ଡାଇମଣ୍ଡ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେହିପରି ଜରପଡାଠାରେ ନିର୍ମାଣ ଚାଲିଥିବା ଏକ ପୋଲ କାର୍ଯ୍ୟ ଜିଲାପାଳ ତଦାରଖ କରିଥିଲେ। ଜିଲାପାଳଙ୍କ ସହ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଛେଣ୍ଡିପଦା ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର

**ଛେଣ୍ଡିପଦା,୨୧ା୧(ସ୍ୱ.ପ୍ର.):** ଅଧିକ ଯୌତୁକ ଦାବି କରୁଥିବା ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହୋଇଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କରଡାବାହାଲି ଥଳିପସି ଗ୍ରାମର କାଳିଆ ସାହୁଙ୍କ ଝିଅ ସାବିତ୍ରୀ ସାହୁଙ୍କୁ ଦୁଇ ବର୍ଷ ତଳେ ବାଲିନାଳୀ ଗ୍ରାମର ପୁରନ୍ଦର ସାହୁଙ୍କ ପୁଅ ଚିତ୍ରସେନ୍ ସାହୁ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଅଛି। ଯୌତୁକ ବାବଦକୁ ୧ ଲକ୍ଷ ଟଙ୍କା ଦିଆଯାଇଥିଲେ ମଧ୍ୟ ଆଉ ୧ ଲକ୍ଷ ଟଙ୍କା ଦାବି କରି ବର୍ଷେ ହେଲା ଚିତ୍ରସେନ ସ୍ତ୍ରୀ ସାବିତ୍ରୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଗୁରୁବାର ସଂଧ୍ୟାରେ ଚିତ୍ରସେନ ସ୍ତ୍ରୀ ସାବିତ୍ରୀଙ୍କୁ ମାଡପିଟ କରିଥିଲେ। ସାବିତ୍ରୀ ପ୍ରତିବାଦ କରିବାରୁ ଚିତ୍ରସେନ୍ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସାବିତ୍ରୀଙ୍କ ବାମ ହାତରେ ଟାଙ୍ଗିଆ ଚୋଟ ବାଜିବାରୁ ସେ ଗୁରୁତର ହୋଇଛନ୍ତି। ପଡ଼ୋଶୀମାନେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସାବିତ୍ରୀଙ୍କ ଅଭିଯୋଗ ଆଧାରରେ ଛେଣ୍ଡିପଦା ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲା କାୟାକଳ୍ପ ଟିମ୍


କୁଲୁମା ଆରୋଗ୍ୟ କେନ୍ଦ୍ରଠାରେ କାୟାକଳ୍ପ ଟିମ୍ ଅଧିକାରୀମାନେ।

କଣିହାଁ,୨୧ା୧(ଡି.ଏନ.ଏ.)

ଅନୁଗୋଳ ଜିଲା କାୟାକଳ୍ପ ଟିମ୍ ଶୁକ୍ରବାର କଣିହାଁ ବ୍ଲକ ଅଞ୍ଚଳ ଗସ୍ତରେ ଆସିଥିଲା। ଏହି ଟିମ୍ ବଜ୍ରକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହିତ କୁଲୁମା ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲା। ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ଯୋଜନାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ସହିତ ଭିତ୍ତିଭୂମି ଯାଞ୍ଚ କରିଥିଲା। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲା। ଜିଲା କାୟାକଳ୍ପ ଟିମ୍ ମୁଖ୍ୟ ବ୍ରତିନ କୁମାର ପ୍ରଧାନ, ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତାଙ୍କ ସହିତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର, ବିପିଏମ୍ ମୋନାଲିସା ପ୍ରଧାନ, ଅଜିତ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# 'ଡ. ବିଧାନଚନ୍ଦ୍ର ପରପିଢ଼ି ପାଇଁ ଆଦର୍ଶ'


୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତିସଭାରେ ଉପସ୍ଥିତ ଅତିଥିବୃନ୍ଦ।

## ନିରାଡଧରରେ ପାଳିତ ହେଲା ୫ମ ଶ୍ରାଦ୍ଧବାର୍ଷିକୀ

ଢେଙ୍କାନାଳ ଅଫିସ, ୨୧ା୧

ଡ. ବିଧାନ ଚନ୍ଦ୍ର ମିଶ୍ର ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଜଣେ ସୁସଙ୍ଗଠକ, ଶିକ୍ଷାବିତ୍, ସାହିତ୍ୟିକ, ଆଇନଜୀବୀ ଭାବେ ବିଭିନ୍ନ ବିଭାଗରେ ତାଙ୍କର ଦଖଲ ଥିଲା। ସେ ଥିଲେ ଜଣେ ସ୍ପଷ୍ଟବାଦୀ ଏବଂ ସାଲିସବିହୀନ ବ୍ୟକ୍ତି। ଜିଲାର ସ୍ୱାର୍ଥ ପାଇଁ ଲଢ଼େଇରେ ସର୍ବଦା ଆଗରେ ରହୁଥିବା ଏହି ବ୍ୟକ୍ତି ପରପିଢ଼ି ପାଇଁ ଆଦର୍ଶ ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ସ୍ଥାନୀୟ ଦକ୍ଷିଣକାଳୀ ମାର୍ଗସ୍ଥିତ ରତ୍ନମଣ୍ଡପରେ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ଡ. ବିଧାନଚନ୍ଦ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତିସଭାରେ ଯୋଗଦେଇ ବିଧାୟକ ଏହା କହିଥିଲେ।

ବିଶିଷ୍ଟ ସମବାୟବିତ୍ ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଶିଳ୍ପୀ ପରେଶ ପଟ୍ଟନାୟକ, ମିଳିତ ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଆଇନଜୀବୀ ଗୋପାଳ ପାତ୍ର, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ନରୋତ୍ତମ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇ ଜିଲାର ସଂସ୍କୃତି, ଶିକ୍ଷା, ସମାଜସେବାରେ ବିଧାନଚନ୍ଦ୍ରଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କୋଭିଡ୍ କଟକଣା ମଧ୍ୟରେ ନିରାଡମ୍ବରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ନାଟ୍ୟକାର ଦୀନେଶ ଦାସ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ପ୍ରଶାନ୍ତ ମିଶ୍ର, ସାଗରିକା ମିଶ୍ର, ଶିଶିର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କବି ଅଭୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅରବିନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଢେଙ୍କାନାଳ ଜିଲା ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଓ ଦଳୀୟ କର୍ମକର୍ତ୍ତା।


ଅନୁଗୋଳ ଜିଲା ୪ନଂ. ଜିଲା ପରିଷଦ ଜୋନ୍‌ର ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

## ହୋଟେଲରୁ ଚୋରି: ୨ ଗିରଫ

ପାଟଣା,(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ହୋଟେଲରୁ ଗୁରୁବାର ବିଳମ୍ବିତ ରାତିରେ ଏକ ସୋଲାର ଲାଇଟ ପ୍ୟାନେଲ ଓ ବ୍ୟାଟେରି ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ତୁରୁମୁଙ୍ଗା ପୋଲିସ ଶୁକ୍ରବାର ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତୁରୁମୁଙ୍ଗାର ବିଶ୍ୱଜିତ ସାହୁ ଓ ତ୍ରିବିକ୍ରମ ଚନ୍ଦନ ପାତ୍ର। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା (ନଂ.୧୧/୨୨) ରୁଜୁ ହୋଇଛି।

### ସଂକ୍ଷେପରେ

## ୧୨ଲକ୍ଷ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ

ବାରିପଦା ଅଫିସ,୨୧।୧- ମୟୂରଭଞ୍ଜ ଜିଲା ବାରିପଦା ଛାଞ୍ଚ ବିଦ୍ୟୁତ ସେକ୍ସନର ଟାଟା ପାୱାର ସ୍ପର୍ଶ ଯୋଜନାରେ ଉପଭୋକ୍ତାମାନଙ୍କ ବକେୟା ବିଦ୍ୟୁତ୍ ବିଲ ସମାଧାନ ପୂର୍ବକ ଆଦାୟ କରାଯାଇଛି। ୫ଟି ସ୍କାଡ୍‌ରେ ବାରିପଦା ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ହରିଶ ପଣ୍ଡା, ନିର୍ବାହୀ ଯନ୍ତ୍ରୀ କାହ୍ନୁଚରଣ ସର୍ଦ୍ଦାର, ଏସ୍‌ଡିଓ ସତ୍ୟବ୍ରତ ସେଠୀ, ସବ୍ୟସାଚୀ ପଣ୍ଡା ଓ ବସନ୍ତ ସାହୁ ଉପସ୍ଥିତ ରହି ପର୍ଯ୍ୟବେକ୍ଷଣ କରିଥିଲେ। ସ୍କାଡ୍ ପରିଚାଳନାରେ ଛାଞ୍ଚ ସେକ୍ସନର ଆସିଷ୍ଟାଣ୍ଟ ମ୍ୟାନେଜର ସୁମନ୍ତ କୁମାର ସାହୁ ଏବଂ ଲାଇନମ୍ୟାନ-ବି ଚନ୍ଦନ କୁମାର ମହାନ୍ତିଙ୍କ ସହ ଉତ୍ପଳ କୁମାର ଭଞ୍ଜବାବୁ, ରବୀନ୍ଦ୍ର ମହାନ୍ତ, ମନୋଜ ବେହେରାଙ୍କ ସହଯୋଗରେ ବକେୟା ବିଦ୍ୟୁତ୍ ବିଲ୍ ବାବଦକୁ ୧୨ଲକ୍ଷ ୭ହଜାର ଟଙ୍କା ଆଦାୟ କରାଯାଇଥିଲା। ୨୫୫ଜଣ ଗ୍ରାହକଙ୍କ ଠାରୁ ଅର୍ଥ ଆଦାୟ କରାଯାଇଥିବା ବେଳେ ୨୩ଜଣଙ୍କ ବିଦ୍ୟୁତ୍ ଲାଇନ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟୁତ୍ ଆଘାତରେ ରୋଲର ଅପରେଟର ଗୁରୁତର

କେନ୍ଦୁଝର, ୨୧।୧ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଁସୁଳି-ଉଖୁଣ୍ଡା ରାସ୍ତାରେ ଶୁକ୍ରବାର ଅପରାହ୍ଣରେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ରୋଲର ଅପରେଟର ଗୁରୁତର ହୋଇଛନ୍ତି। ସ୍ଥାନୀୟ ଯୁବକ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ପଠାଯାଇଛି। ସେ ରାସ୍ତାକାମ ପାଇଁ ଯାଉଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଯୁବକ ଜଣଙ୍କ ଅତ୍ୟନ୍ତ ଗରିବ ହୋଇଥିବାରୁ ଜିଲା ପ୍ରଶାସନ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସାମାଜିକ କର୍ମୀଙ୍କ ପରଲୋକ

ବାସୁଦେବପୁର, ୨୧।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଞ୍ଚଳର ସାମାଜିକ କର୍ମୀ ବୈକୁଣ୍ଠ ଦାସଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କ ଘର ସ୍ଥାନୀୟ ପାରା ଗ୍ରାମରେ। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ବାସୁଦେବପୁର ଯାଦବ ମହାସଂଘର ସେ ଜଣେ ଉଦ୍ୟୋକ୍ତା ଥିଲେ। ତାଙ୍କ ବିୟୋଗରେ ଯାଦବ ମହାସଂଘର ସଭାପତି ବନମାଳି ବାରିକ, ସମ୍ପାଦକ ଭାଗୀରଥି ପଲାଇ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ବେଆଇନ ବାଲି ଉତ୍ତୋଳନ ବେଳେ ଚଢ଼ାଉ

ଭଣ୍ଡାରିପୋଖରୀ, ୨୧।୧ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗ୍ରାମ ସ୍ଥିତ ବୈତରଣୀ ନଦୀରୁ ଶୁକ୍ରବାର ବେଆଇନ ଭାବେ ବାଲି ଉତ୍ତୋଳନ ବେଳେ ତହସିଲଦାର ଚଢ଼ାଉ କରିଛନ୍ତି। ଏକ ଜେସିବି ଓ ପରିବହନ କରୁଥିବା ଏକ ଟ୍ରାକ୍ଟର ଜବତ କରି ଜରିମାନା ଆଦାୟ ପରେ ଛାଡ଼ିଛନ୍ତି। ପ୍ରକାଶ ଯେ, ଏହି ସ୍ଥାନରୁ ଖୁଲମଖୋଲା ବାଲି ଉତ୍ତୋଳନ କରାଯାଉଛି। ବ୍ଲକର ଶେଷ ସୀମାରେ ଉକ୍ତ ସ୍ଥାନ ହୋଇଥିବାରୁ ପୋଲିସ ଓ ତହସିଲ ପ୍ରଶାସନକୁ ଫୁ କରି ବାଲି ଚୋର ବେପାର ଚଳାଇଛନ୍ତି। ତହସିଲଦାର ସରୋଜକାନ୍ତ ନାୟକଙ୍କ ସ୍କାଡ୍‌ରେ ବିରୋଳି ରାଜସ୍ୱ ନିରୀକ୍ଷକ ଦିବ୍ୟରଞ୍ଜନ ଧଳ ଓ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଜବତ ଜେସିବିରୁ ୧ ଲକ୍ଷ ୫ ହଜାର ୫୦ ଓ ଟ୍ରାକ୍ଟରରୁ ୧୨ ହଜାର ୧୦୫ ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରତ୍ୟେକ ଦିନ ଉକ୍ତ ସ୍ଥାନରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ପରିବହନ ହେଉଛି। ନିୟମିତ ଚଢ଼ାଉ କରାଗଲେ ବାଲି ଚୋରି କେତେକାଂଶରେ ରୋକାଯାଇ ପାରନ୍ତା ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି।

## ହେଲ୍‌ମେଟ, ମାସ୍କ ଯାଞ୍ଚ କଡ଼ାକଡ଼ି

ବାଲିଆପାଳ, ୨୧।୧(ସ୍ୱ.ପ୍ର.)-ପୋଲିସ ପକ୍ଷରୁ ଶୁକ୍ରବାର ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ଦୈନିକ ବଜାରରେ ହେଲମେଟ ଓ ମାସ୍କ ଯାଞ୍ଚକୁ କଡାକଡି କରାଯାଇଛି। ଅମାନିଆଙ୍କୁ ବାଟକୁ ଆଣିବା ପାଇଁ ସିଂଲା ପୋଲିସ ପକ୍ଷରୁ ଲଗାତାର ପ୍ରୟାସ କରାଯାଉଛି। ସଡ଼କ ଦୁର୍ଘଟଣା ଓ କରୋନା ସଂକ୍ରମଣ ଦିନକୁ ଦିନ ବଢିବାକୁ ଲାଗିଥିବା ବେଳେ ଅମାନିଆମାନେ ବେପରୁଆ ଭାବେ ବିନା ମାସ୍କ ଓ ହେଲମେଟରେ ଯା'ଆସ କରୁଥିବା ଦେଖିବାକୁ ମିଳିଥିଲା। ସିଂଲା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ସିଂଲା ଥାନା ସବ୍‌ଇନ୍ସପେକ୍ଟର ନରେନ୍ଦ୍ରନାଥ ସୂତାର ସଦଳବଳେ ଶୁକ୍ରବାର ଲଙ୍ଗଳେଶ୍ୱର ବଜାରରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରିଥଲେ। ଯାଞ୍ଚ ସମୟରେ ହେଲମେଟ ଓ ମାସ୍କ ପିନ୍ଧି ନ ଥିବା ବାଇକ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା।

# ମଣ୍ଡିରେ ପଡ଼ି ରହିଛି ଧାନ

### ନେଉନାହାନ୍ତି ମିଲର

ପଦ୍ମପୁର, ୨୧।୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀଠାରୁ ଧାନ ଉଠାଉ ନାହାନ୍ତି ସହବନ୍ଧିତ ମିଲର। ବ୍ଲକର ୨୦ଟି ସେବା ସମବାୟ ସମିତି ଓ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ସହବନ୍ଧିତ ହୋଇଛନ୍ତି। ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯିବା ପରେ ସେମାନେ ଧାନ ଆଣି ବିଭିନ୍ନ ମଣ୍ଡିରେ ପହଞ୍ଚାଇଛନ୍ତି। ହେଲେ ଧାନର ମାନ, କଟ୍‌ନୀ ଓ ଲୋଡ଼ିଂ ପାଇଁ ଲେବର ଅଭାବ ଦର୍ଶାଇ ମିଲରମାନେ ମଣ୍ଡିରୁ ଧାନ ଉଠାଇ ନାହାନ୍ତି। ବିଭିନ୍ନ ମଣ୍ଡିରେ ୫୦ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ସମିତିର ନିଜସ୍ୱ ଗୋଦାମ ନ ଥିବା ବେଳେ ଧାନବସ୍ତା ରଖିବାକୁ ଜାଗା ନାହିଁ। ପାଣିପାଗ ବିଭାଗ ସୂଚନା ଅନୁସାରେ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଶନିବାରଠାରୁ ବର୍ଷା ଆରମ୍ଭ ହୋଇଯିବ। ବର୍ଷା ହେଲେ ବିଲରେ ଗଦା ହୋଇଥିବା ଅମଳ ଧାନ ଓ ମଣ୍ଡିରେ ଥିବା ଧାନ ସବୁ ବର୍ଷାରେ ଭିଜି ନଷ୍ଟ ହୋଇଯିବ। ବର୍ଷାରେ ଓଦା ହେଲେ ଆଉ କୌଣସି ମିଲ୍ ଭିଜିଥିବା ଧାନ ନେବ ନାହିଁ। ଫଳରେ ସମିତି ଓ ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ପ୍ରକାଶ କରିଛନ୍ତି। ପଦ୍ମପୁର, ଏଡ଼ତାଳ, ସୁଗୋ, ବାଲିମେଦ ସମିତିରେ ୧୦ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନବସ୍ତା ଜମା ରହିଥିବା ସୂଚନା ମିଳିଛି। ଧାନ ଉଠା ନ ହେଲେ ଆଉ ଚାଷୀମାନଙ୍କଠାରୁ କିଣାଯାଇ ପାରିବ ନାହିଁ ବୋଲି ପଦ୍ମପୁର, ସୁଗୋ ଓ ଏଡ଼ତାଳ ସମିତି ସମ୍ପାଦକ ଅନିରୁଦ୍ଧ ନାୟକ କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ସେବା ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀଙ୍କୁ ପଚାରିବାରୁ ମିଲରମାନେ ଖୁବ୍‌ଶୀଘ୍ର ମଣ୍ଡିରୁ ଧାନ ଉଠାଇ ନେବେ ବୋଲି କହିଛନ୍ତି।


ପଦ୍ମପୁର ମଣ୍ଡିରେ ପଡ଼ି ରହିଥିବା ଧାନ।

## ଗୋଚର ସମ୍ପତ୍ତି ହଡ଼ପ ପ୍ରତିବାଦରେ ଗଣଧାରଣା

ବାଲେଶ୍ୱର ଅଫିସ, ୨୧।୧

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବିରୁଆଁ ପଞ୍ଚାୟତର ଗୋଚର ସମ୍ପତ୍ତି ହଡପ ପ୍ରତିବାଦରେ ଶୁକ୍ରବାର 'ନୂଆଗାଁ, ଶେରଗଡ଼ ଓ ବିରୁଆଁ ପଞ୍ଚାୟତ ଉନ୍ନୟନ ପରିଷଦ' ଏବଂ 'ଗୋଚର ସମ୍ପତ୍ତି ଓ ଜନତା ସ୍ୱାର୍ଥ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

ଉକ୍ତ ଅଞ୍ଚଳରେ ଆଦୌ ଜନବସତି ନ ଥିବା ରେମୁଣା ତହସିଲ ଅଧୀନ ପଞ୍ଚାଗଡ଼ ଉଥୁଳି ମୌଜାରେ କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ କରାଯାଉଛି। ପ୍ରକଳ୍ପକୁ ଜନବସତି ଅଞ୍ଚଳରେ କରିବା ପାଇଁ ବାଲେଶ୍ୱର ଜିଲାପାଳଙ୍କଠାରେ ଦାବି କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷରେ ଗଣଧାରଣା ପାଇଁ ନିଷ୍ପତ୍ତି ନିଆଯାଇଥିବା ପରିଷଦ ସଭାପତି ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି। ତେବେ ଏହା ପରେ ବି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ପରିଷଦର ସଦସ୍ୟ ମହେନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ନାୟକ, କନ୍ଧା ସିଂ, ବୀରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ରାଉତ, ଚିତ୍ତରଞ୍ଜନ ଜେନା, ଗଣପତି ମଲିକ, ବୈଦ୍ୟନାଥ ମଲିକ, ଶ୍ରୀଧର ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଶେଷଦିନରେ ୨୧, ୦୫୭ ନାମାଙ୍କନ ଦାଖଲ

### ଭଦ୍ରକ ୩,୫୭୨, କେନ୍ଦୁଝର ୪,୭୪୫, ମୟୂରଭଞ୍ଜ ୬,୭୯୬, ବାଲେଶ୍ୱର ୫୯୪୪

ଭଦ୍ରକ ଅଫିସ/କେନ୍ଦୁଝର/ବାରିପଦା ଅଫିସ/ବାଲେଶ୍ୱର ଅଫିସ, ୨୧।୧ (ଡି.ଏନ.ଏ./ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିନରେ ଶୁକ୍ରବାର ଉତ୍ତର ଓଡ଼ିଶାରେ ୨୧, ୦୫୭ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଭଦ୍ରକରେ ୨,୫୫୮ ଜଣ ୱାର୍ଡସଭ୍ୟ, ୫୫୩ ସରପଞ୍ଚ, ୩୯୭ ଜଣ ସମିତିସଭ୍ୟ ଏବଂ ୬୪ ଜଣ ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୋଟ ୩,୫୭୨ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ଜଣାଯାଇଛି। ତେବେ ଜିଲାରେ ମୋଟ ୧୦,୦୧୩ ନାମାଙ୍କନ ପତ୍ର ଦାଖଲ ହୋଇଛି। ସେଥିମଧ୍ୟରୁ ୭,୬୪୦ ଜଣ ୱାର୍ଡସଭ୍ୟ, ୧,୨୪୧ ସରପଞ୍ଚ, ୯୮୫ ସମିତିସଭ୍ୟ ଏବଂ ୧୪୭ ପ୍ରାର୍ଥୀ ଜିଲା ପରିଷଦ ଆସନ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଥିବା ସୂଚନା ମିଳିଛି। କେନ୍ଦୁଝରରେ ୯୪ ଜଣ ଜିଲା ପରିଷଦ ସଭ୍ୟ, ୭୩୪ ଜଣ ସରପଞ୍ଚ, ୫୯୪ ଜଣ ସମିତିସଭ୍ୟ ଏବଂ ୩୩୨୩ ପ୍ରାର୍ଥୀ ୱାର୍ଡମେମ୍ବର ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶେଷଦିନରେ ମୋଟ ୪,୭୪୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ତିମ ଦିବସ ସୁଦ୍ଧା ଜିଲା ପରିଷଦ ଆସନ ଲାଗି ୧୭୦, ସରପଞ୍ଚ ପଦବୀ ପାଇଁ ୧୪୮୯, ସମିତିସଭ୍ୟ ଲାଗି ୧୧୪୨ ଏବଂ ୱାର୍ଡମେମ୍ବର ପାଇଁ ୬,୨୮୩ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ମୟୂରଭଞ୍ଜ ଜିଲାରୁ ୧୯୨ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୬,୭୯୬ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥି ମଧ୍ୟରେ ୯୦୩ଜଣ ସମିତିସଭ୍ୟ, ୧୦୩୫ଜଣ ସରପଞ୍ଚ ଓ ୪୬୬୬ଜଣ ୱାର୍ଡ ସଭ୍ୟ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜିଲା ପଞ୍ଚାୟତ ଅଧିକାରୀ ଭଗବାନ ଗୌଡ଼ା ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ୫୨୯, ଦ୍ୱିତୀୟ ଦିନରେ ୬୫୦, ତୃତୀୟ ଦିନରେ ୨୭୨୪, ଚତୁର୍ଥ ଦିନରେ ୩୯୬୭ ଓ ଅନ୍ତିମ ଦିନରେ ୬୭୯୬ଜଣଙ୍କୁ ମିଶାଇ ଜିଲାରୁ ମୋଟ ୧୪ହଜାର ୬୬୬ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ମୋଟ୍ ୫୯୪୪ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟର ୧୬୦ ଜିଲାପରିଷଦ, ୬୫୩ ସମିତିସଭ୍ୟ, ୮୦୧ ସରପଞ୍ଚ ଓ ୪୩୩୦ ୱାର୍ଡମେମ୍ବର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୂଚନା ଯେ, ଚାରିଦିନ ଧରି ଚାଲିଥିବା ନାମାଙ୍କନପତ୍ର ଦାଖଲରେ ଜିଲାରୁ ମୋଟ୍ ୧୫,୯୨୧ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି।

## କଇଁସରେ ଠାକୁରାଣୀ ଓଷା

କେନ୍ଦୁଝର,୨୧।୧(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅଧୀନ କଇଁସ ଗ୍ରାମରେ ମା' ଠାକୁରାଣୀ (ମା' ମାନସା)ଙ୍କ ଓଷା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଅନୁଷ୍ଠିତ ଏହି ପର୍ବ ପାଇଁ ଟୁଗୁଡିହାଠାରୁ ମା' ଠାକୁରାଣୀଙ୍କ ବିଗ୍ରହ ଅଣାଯାଇ ଦେହୁରୀଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ଗାଉଣୀଙ୍କ ଧାରାବାହିକ ଗୀତ ପରିବେଷଣ ସହ କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ଶୁକ୍ରବାର ଖନ୍ଦାମଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ମନାସିଧାରୀ ଭକ୍ତଙ୍କ ସମାଗମ ହୋଇଥିଲା।



## କୋଭିଡ୍ ଟିକାକରଣ ଶିବିର


ଟିକା ନେବା ପାଇଁ ଲୋକେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ବୈଶିଙ୍ଗା,୨୧।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ କ୍ରିକେଟ ପଡ଼ିଆରେ ପ୍ରୋଗ୍ରେସିଭ କ୍ଲବ ପକ୍ଷରୁ ଗୁରୁବାର କୋଭିଡ୍ ଟୀକାକରଣ ଶିବିର ଆୟୋଜିତ ହୋଇଯାଇଛି। ଏଠାରେ ଗଡଦେଉଳିଆ ଓ କଳମା ପଞ୍ଚାୟତର ମୋଟ ୩୨୩ଜଣଙ୍କୁ ଟିକା ଦିଆଯାଇଥିଲା। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀଙ୍କ ସହଯୋଗରେ ଟିକାକରଣ କରାଯାଇଥିଲା। କ୍ଲବର ସଭାପତି ପଦ୍ମକେଶରୀ ପରିଡ଼ା, ସମ୍ପାଦକ ସୁକାନ୍ତ ରାଉତ, ଉପ ସଭାପତି ଅଧିର ପଣ୍ଡା, ସହ ସମ୍ପାଦକ ସୁଶନ୍ତ ଗିରି, ପ୍ରଦୀପ ଭୂୟାଁ, ଚିନ୍ମୟ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୨ ଶିକାରୀ ଗିରଫ, ବନ୍ଧୁକ ଜବତ

### ହାତୀର ଗଳିତ ମୃତଦେହ ଉଦ୍ଧାର ଘଟଣା

ସଜନାଗଡ଼, ୨୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଅବସ୍ଥିତ କୁଲଡିହା ଅଭୟାରଣ୍ୟର ମଙ୍ଗଳପୁର ବିଟ୍ ହାତୀଖୁଲିଆ ସେକ୍ସନ ଅଞ୍ଚଳରୁ ଗତ ୧୫ତାରିଖରେ ଗୋଟିଏ ହାତୀର ଗଳିତ ମୃତଦେହ ବନବିଭାଗ ଉଦ୍ଧାର କରିଥିଲା। ଏହି ଘଟଣାରେ ବନବିଭାଗ ଶୁକ୍ରବାର ୨ ଶିକାରୀଙ୍କୁ ଗିରଫ କରିବା ସହ ଦେଶୀବନ୍ଧୁକ, ରଡ ଓ ଫାଶ ଜବତ କରିଛି। ଗିରଫ ଦୁଇ ଶିକାରୀ ହେଲେ ଔପଦା ବ୍ଲକ ଅଧୀନ କେନ୍ଦୁପଡ଼ିଆ ଗ୍ରାମର ଦୁଇ ଭାଇ ମନମୋହନ ସିଂ ଓ ମୁରଲୀଧର ସିଂ।

ଏହି ହାତୀ ମୃତ୍ୟୁ ପରେ ସେମାନେ ଦାନ୍ତ ତାଡ଼ି ନେଇଥିବା ବନବିଭାଗ ସୂଚନା ଦେଇଛି । ସେମାନଙ୍କ ପାଖରୁ କୌଣସି ହାତୀଦାନ୍ତ ଜବତ କରାଯାଇନାହିଁ।


ଗିରଫ ୨ ଶିକାରୀ।

ସୂଚନାଥାଉକି, ଗତ ୧୫ତାରିଖରେ ହାତୀର ଗଳିତ ମୃତଦେହ ଉଦ୍ଧାର ଘଟଣାରେ ବାଲେଶ୍ୱର ବନଖଣ୍ଡ ଅଧିକାରୀ ବିମଳପ୍ରସନ୍ନ ଆଚାର୍ଯ୍ୟ, ଏସସିଏଫ୍ ସୁଶାନ୍ତ ଜେନା, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ପ୍ରମୁଖ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ । ପ୍ରାରମ୍ଭିକ ତଦନ୍ତରୁ ହାତୀ ମୃତ୍ୟୁ ୧୫ଦିନ ତଳେ ହୋଇଥିବା ସୂଚନା ପାଇଥିଲେ । ପରେ ବନବିଭାଗ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ପହଞ୍ଚି ହାତୀକୁ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋଡ଼ି ଦିଆଯାଇଥିଲା । ସେହିଦିନଠାରୁ ତଦନ୍ତ ଜାରି ରହିଥିଲା ।

## ପୋଲିସର ଧରପଗଡ଼ ୩ ୱାରେଣ୍ଟି ସମେତ ୪ ଗିରଫ

ବାସୁଦେବପୁର, ୨୧।୧ (ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପରିପେକ୍ଷୀରେ ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ଧରପଗଡ଼ ଜୋରଦାର କରିଛି। ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ୱାରେଣ୍ଟି ସମେତ ୪ ଜଣଙ୍କୁ ଗିରଫ କରିଛି। ଗିରଫ ୩ ୱାରେଣ୍ଟି ହେଲେ ତୁଳମତୁଳା ଗ୍ରାମର ରବୀନ୍ଦ୍ର ବେହେରା, ଏଡ଼ତାଳର ପଦ୍ମାବତୀ ବାରିକ ଓ ମନ୍ଦାରୀର ବୁଧିରାମ ସେନାପତି। ସେହିପରି କୁମାରପୁର ଗ୍ରାମରେ ବେଆଇନ ବିକ୍ରି ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ୧୧ ଲିଟର ଚୋରାମଦ ଜବତ ସହ ପ୍ରଦୀପ ପଣ୍ଡା ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

## 'ଶିକ୍ଷା ଭିତ୍ତିଭୂମି ବିକାଶ ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ା'



ମଞ୍ଚାସୀନ ରେସିଡେନ୍‌ସିଆଲ ସ୍କୁଲ ଓ କଲେଜ ଆସୋସିଏସନ କର୍ମକର୍ତ୍ତା।

ବାରିପଦା ଅଫିସ,୨୧।୧

ମୟୂରଭଞ୍ଜ ଜିଲାରେ ଗୁଣାତ୍ମକ ଶିକ୍ଷାର ପ୍ରସାର ଓ ଭିତ୍ତିଭୂମି ବିକାଶ ଲକ୍ଷ୍ୟକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ରେସିଡେନ୍‌ସିଆଲ ସ୍କୁଲ ଓ କଲେଜ ଆସୋସିଏସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭଞ୍ଜନ ରାଉତ ଉପସ୍ଥିତ ରହି ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଭାତ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଇଂ. ପ୍ରଭାସ କୁମାର ଦାସ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ବିନୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ଘୋଷ, ରମାକାନ୍ତ ପାତ୍ର, ସତ୍ୟଜିତ ଗିରିଗୋସ୍ୱାମୀ, ସୁଶାନ୍ତ ନାୟକ ଓ ଚନ୍ଦ୍ର ମୋହନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଟକଣାରେ ପାଳନ ହେବ ସୁଭାଷ ଜୟନ୍ତୀ

ଜଳେଶ୍ୱର, ୨୧।୧(ଡି.ଏନ.ଏ.)

ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୫ତମ ଜୟନ୍ତୀ ପାଳନ ଲାଗି ସମଗ୍ର ଦେଶରେ କମିଟି ଗଠନ ହୋଇଛି। ବାଲେଶ୍ୱର ଜିଲାର ଜଳେଶ୍ୱରଠାରେ ଜୟନ୍ତୀ ପାଳନ ହେବ ବୋଲି ଶୁକ୍ରବାର ବିଶିଷ୍ଟ ବ୍ୟକ୍ତିମାନେ ନିଷ୍ପତ୍ତି ନେଇଛନ୍ତି । ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ ଦେଙ୍କ ଆବାହକତ୍ୱରେ ଏକ ବୈଠକ ଭଂଜଶ୍ରୀବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ରମାକାନ୍ତ ଭଞ୍ଜ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ଗିରି, ପ୍ରତୀପ ପ୍ରଧାନ, ଡ. ଅଜିତ୍ ମହାନ୍ତି, ସିଦ୍ଧେଶ୍ୱର ପଣ୍ଡା, ବନମାଳୀ ଧଳ ଓ ଅବନୀ ଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୨୩ତାରିଖରେ ଭଂଜଶ୍ରୀ ବିହାରଠାରେ କୋଭିଡ କଟକଣା ମଧ୍ୟରେ ସୁଭାଷ ବୋଷ ଜୟନ୍ତୀ ପାଳନ ହେବ ବୋଲି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି।

## ବିର୍ଲା ଟାୟାର୍ସକୁ କାର୍ଯ୍ୟକ୍ଷମ କରିବାକୁ ନିବେଦନ


ଖବରଦାତା ସମ୍ମିଳନୀରେ ବିର୍ଲା ମିଳିତ ସଙ୍ଗଠନର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୨୧।୧

ବାଲେଶ୍ୱର ଜିଲାର ସର୍ବପୁରାତନ ଏବଂ ବୃହତ କାରଖାନା ବିର୍ଲା ଟାୟାର୍ସ ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ଏହା ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ନିର୍ଭର କରୁଥିବା ୨୦ରୁ ୨୫ହଜାର ପରିବାର ଭୋକ ଉପାସରେ ଜୀବନ ଅତିବାହିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିର୍ଲା ଟାୟାର୍ସକୁ କାର୍ଯ୍ୟକ୍ଷମ କରିବା ପାଇଁ ଶୁକ୍ରବାର ମିଳିତ ସଙ୍ଗଠନ ପକ୍ଷରୁ ସହରସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପଠାରେ ଆବାହକ ଶ୍ରମିକ ନେତା ଅରୁଣ ସାଇଁଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରାଯାଇଛି।

ଦୀର୍ଘଦିନ ଧରି ବିର୍ଲା ଟାୟାର୍ସ କାର୍ଯ୍ୟକ୍ଷମ ନେଇ ବିଭିନ୍ନ ପର୍ଯ୍ୟାୟରେ ବାଲେଶ୍ୱର ଜିଲାପାଳଙ୍କଠାରୁ ଆରମ୍ଭ କରି ଶ୍ରମମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବହୁବାର ବୈଠକ ଅନୁଷ୍ଠିତ ହୋଇଛି। ଏହାର ସୁଫଳ ଏପର୍ଯ୍ୟନ୍ତ ମିଳିପାରିନାହିଁ। ବିର୍ଲା ଟାୟାର୍ସ ମିଳିତ ସଙ୍ଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଗତ ନଭେମ୍ବର ୬ତାରିଖରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହି ଖବରଦାତା ସମ୍ମିଳନୀରେ ସତ୍ୟନାରାୟଣ ଆଚାର୍ଯ୍ୟ, ଉପେନ୍ଦ୍ର ବେହେରା, ଶିବ ପ୍ରସାଦ ଦାସ, ଶେଖ ମୈଦିନ, ଯଶୋଧାରା ଦାସ, ଅଶୋକ ରାଉତ, କ୍ଷୀରୋଦ ବାରିକ, ପଞ୍ଚୁଗୋପାଳ କୋଲକା, ବିରଞ୍ଚ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଆର୍ଯ୍ୟ ମଇରିଆ, ଚିତ୍ତରଞ୍ଜନ ସାହୁ, ପ୍ରଦୀପ ନାୟକ, ଅଜୟ ବିଶ୍ୱାଳ, ପ୍ରଭାତ ବାରିକ, ରବି ନାରାୟଣ ଦାସ, ଦାମୋଦର ମାସନ୍ତ, ଧୀରେନ ମିଶ୍ର, ଶ୍ରମିକ ନେତା ଓ ସାଧାରଣ ଶ୍ରମିକମାନେ ଯୋଗଦେଇଥିଲେ।

## ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭଦ୍ରକ ଅଫିସ,୨୧।୧

ଭଦ୍ରକ ସହରାଞ୍ଚଳ କଚେରି ବଜାର ନିକଟସ୍ଥ ଏକ ହୋଟେଲରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଟାଉନ ପୋଲିସ ଜବତ କରିଛି। ମୃତକ କଲେଇ ଗ୍ରାମର ଅରୁଣ କୁମାର ନାୟକ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସେ ଏକ ସପ୍ତାହ ଧରି ଉକ୍ତ ହୋଟେଲରେ ରୁମ୍ ଭଡ଼ା ନେଇ ରହି ଆସୁଥିଲେ। ହଠାତ୍ ଶୁକ୍ରବାର କବାଟ ଖୋଲି ନ ଥିଲେ। ଖବର ପାଇ ଟାଉନ ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ କୋଠରୀ ଭିତରେ ଅରୁଣଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ପାରିବାରିକ କଳହକୁ କେନ୍ଦ୍ରକରି ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଜାଣିବାକୁ ମିଳିଛି ବୋଲି ପୋଲିସ କହିଛି।

